# NATIONAL NEWS BULLETIN (ODIA)

**15 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ଓ ଆଲଜେରିଆ ମଧ୍ୟରେ ଅର୍ଥନୈତିକ ସହଯୋଗ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆହ୍ୱାନ

- ଟେଲିକମ୍ ଏବଂ ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ବିଶ୍ୱର ଅନ୍ୟତମ ସଫଳ ରାଷ୍ଟ୍ର, କହିଲେ ପ୍ରଧାନମନ୍ତ୍ରୀ

- ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ଅବସରରେ ଦେଶ ଜଣାଇଲା ଶ୍ରଦ୍ଧାଞ୍ଜଳି

ଏବଂ

- ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଆଜି କାର୍ଯ୍ୟସୂଚୀ ଘୋଷଣା କରିବେ ନିର୍ବାଚନ କମିଶନ ।

---

## ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତ ଓ ଆଲଜେରିଆ ମଧ୍ୟରେ ଅର୍ଥନୈତିକ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି। ଆଲଜେରିଆର ରାଜଧାନୀ ଆଲଜିୟର୍ସଠାରେ ଆୟୋଜିତ ଆଲଜେରିଆ-ଭାରତ ଅର୍ଥନୈତିକ ଫୋରମକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ୱିପାକ୍ଷିକ ଭାଗିଦାରୀକୁ

ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଲଜେରିଆ, ମୌରିଟାନିଆ ଏବଂ ମାଲଓ୍ୱି ଗସ୍ତରେ ଯାଇ ଆଲଜିୟର୍ସରେ ଅଛନ୍ତି।

ଆଲଜେରିଆ-ଭାରତ ଅର୍ଥନୈତିକ ମଞ୍ଚକୁ ସମ୍ବୋଧିତ କରି ଶ୍ରୀମତୀ ମୁର୍ମୁ କହିଛନ୍ତି, ଆଲଜେରିଆ ନେତୃବୃନ୍ଦଙ୍କ ସହ ବିଭିନ୍ନ ଆଲୋଚନାରେ ଏହା ସ୍ପଷ୍ଟ ହୋଇଛି ଯେ ଆଲଜେରିଆ ଅଭିବୃଦ୍ଧି ଏବଂ ପୁଞ୍ଜିନିବେଶ ସୁଯୋଗ ବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ । ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ସାମିଲ ହେବାକୁ ରାଷ୍ଟ୍ରପତି ଆଲଜେରିଆର କମ୍ପାନିମାନଙ୍କୁ ଏହି ଅବସରରେ ଆମନ୍ତ୍ରଣ କରିଛନ୍ତି। ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଲଜେରିଆ ଗସ୍ତର ତୃତୀୟ ଦିନ ହୋଇଥିବାରୁ ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଭିପି-ଆସାମ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଆସାମର ଗୌହାଟୀ ଏବଂ ମେଘାଳୟର ସିଲଂ ଯିବେ । ଏହି ଗସ୍ତରେ ଶ୍ରୀ ଧନଖଡ଼ ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବା ସହ ସିଲଂର ମାଓଡ଼ି ଆଙ୍ଗଡ଼ିଆଙ୍ଗରେ ମେଘାଳୟ ସ୍କିଲ୍ ଆଣ୍ଡ୍ ଇନୋଭେସନ୍ ହବ୍ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ । ସେ ସିଲଂରେ ଆଇ.ଟି. ପାର୍କ ଏବଂ ରାଜଭବନ ମଧ୍ୟ ପରିଦର୍ଶନ କରିବେ । ଏହି ଗସ୍ତ ଅବସରରେ ଉପରାଷ୍ଟ୍ରପତି ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ଡବ୍ଲୁଟିଏସ୍ଏ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆନ୍ତର୍ଜାତିକ ଟେଲି କମ୍ୟୁନିକେଶନ ୟୁନିୟନର ୱାର୍ଲ୍ଡ ଟେଲିକମ୍ୟୁନିକେଶନ ଷ୍ଟାଣ୍ଡାର୍ଡାଇଜେସନ୍ ସମ୍ମିଳନୀ- WTSAକୁ ଉଦ୍‌ଘାଟନ କରିଛନ୍ତି । ମିଳିତ ଜାତିସଂଘର ଏଜେନ୍ସୀ ଅନ୍ତର୍ଜାତୀୟ ଟେଲିକମ୍ ୟୁନିୟନର ମାନକୀକରଣ କାର୍ଯ୍ୟ ପାଇଁ ପ୍ରତି ୪ବର୍ଷରେ ଥରେ ଏହି ପରିଚାଳନା ସମ୍ମିଳନୀ ଆୟୋଜିତ ହୋଇଥାଏ । ଚଳିତବର୍ଷ ପ୍ରଥମଥର ପାଇଁ ITU-WTSA ଭାରତ ଏବଂ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଇଣ୍ଡିଆ ମୋବାଇଲ୍ କଂଗ୍ରେସ-୨୦୨୪ର ଅଷ୍ଟମ ସଂସ୍କରଣକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଆଜି ଟେଲିକମ୍ ଏବଂ ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱର ଅନ୍ୟତମ ସଫଳ ଦେଶ । ଭାରତରେ ୧୨୦ କୋଟି ମୋବାଇଲ୍‌ଫୋନ୍ ବ୍ୟବହାରକାରୀ, ୯୫ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀ ଥିବା ବେଳେ ବିଶ୍ୱର ୪୦ ପ୍ରତିଶତରୁ ଅଧିକ ରିୟଲ୍ ଟାଇମ୍ ଡିଜିଟାଲ୍ କାରବାର ଭାରତରେ ହେଉଛି । ଏ.ଆଇ.ର ନୈତିକ ବ୍ୟବହାର ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ସୁରକ୍ଷା, ମର୍ଯ୍ୟାଦା ଏବଂ ସମାନତା ସମସ୍ତ ଆଲୋଚନାର କେନ୍ଦ୍ରରେ ରହିବା ଉଚିତ ।

ସେ କହିଛନ୍ତି ଭାରତ ଶେଷ-ମାଇଲ୍ ବିତରଣ ପାଇଁ ଡିଜିଟାଲ ସଂଯୋଗକୁ ପ୍ରଭାବୀ ଉପକରଣରେ ପରିଣତ କରିଛି । ଭାରତର ଡିଜିଟାଲ ଦୃଷ୍ଟିକୋଣ ମୁଖ୍ୟତଃ ଶସ୍ତା ଉପକରଣ, ସମସ୍ତ କୋଣକୁ ସଂଯୋଗ, ସୁଲଭ

ମୂଲ୍ୟରେ ଡାଟା ଏବଂ ଡିଜିଟାଲ୍-ପ୍ରଥମ ଭଳି ୪ଟି ସ୍ତମ୍ଭ ଉପରେ କାର୍ଯ୍ୟ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱସ୍ତରୀୟ ମାନକ ଦିଗରେ କାର୍ଯ୍ୟ କରିବା WTSAର ଲକ୍ଷ୍ୟ ହୋଇଥିବା ବେଳେ ସେବା କ୍ଷେତ୍ରରେ ଇଣ୍ଡିଆ ମୋବାଇଲ୍ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । WTSA ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ, ଯାହା ଟେଲିକମ୍, ଡିଜିଟାଲ ଏବଂ ଆଇସିଟି କ୍ଷେତ୍ରର ପ୍ରତିନିଧିତ୍ୱ କରୁଥିବା ୧୯୦ରୁ ଅଧିକ ଦେଶର ୩ ହଜାରରୁ ଅଧିକ ଶିଳ୍ପ ନେତୃତ୍ୱ, ନୀତି ନିର୍ଦ୍ଧାରକ ଏବଂ ବୈଷୟିକ ବିଶେଷଜ୍ଞଙ୍କୁ ଏକାଠି କରିବ । ଏହା 6-G, A.I, I.O.T, ବିଗ୍ ଡାଟା, ସାଇବର ସୁରକ୍ଷା ଏବଂ ଅନ୍ୟାନ୍ୟ ପରବର୍ତ୍ତୀ ପିଢ଼ିର ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲୋଜିର ଭବିଷ୍ୟତ ମାନକ ବିଷୟରେ ଆଲୋଚନା ଏବଂ ନିଷ୍ପତ୍ତି ନେବା ପାଇଁ ସଦସ୍ୟ ଦେଶମାନଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବ ।

ଭାରତରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ଦ୍ୱାରା ଦେଶକୁ ବୈଶ୍ୱିକ ଟେଲିକମ୍ ଏଜେଣ୍ଡାକୁ ରୂପ ଦେବାରେ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ପାଇଁ ମାର୍ଗ ନିର୍ଦ୍ଧାରଣ କରିବାକୁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ସୁଯୋଗ ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପିଏମ୍-କଲାମ

ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କର ଆଜି ଜନ୍ମଦିନ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର କଲାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି ପୂର୍ବତନ ରାଷ୍ଟ୍ରପତି ଡକ୍ଟର କଲାମଙ୍କ ଚିନ୍ତାଧାରା ଏବଂ ଦୂରଦୃଷ୍ଟି ଦେଶକୁ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ।

## ଇସିଆଇ-ନିର୍ବାଚନ

ଭାରତୀୟ ନିର୍ବାଚନ କମିଶନ ଆଜି ଅପରାହ୍ନରେ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିବେ । ମହାରାଷ୍ଟ୍ର ବିଧାନସଭାର କାର୍ଯ୍ୟକାଳ ଆସନ୍ତାମାସ ୨୬ ତାରିଖରେ ଶେଷ ହେବାକୁ ଥିବା ବେଳେ ଝାଡ଼ଖଣ୍ଡ ବିଧାନସଭା କାର୍ଯ୍ୟକାଳ ଆସନ୍ତାବର୍ଷ ଜାନୁୟାରୀ ୫ ତାରିଖରେ ଶେଷ ହେବ ।

## ଡିଜି-କୋଷ୍ଟଗାର୍ଡ

ଭାରତୀୟ ତଟରକ୍ଷୀ ବାହିନୀର ୨୬ତମ ମହାନିର୍ଦ୍ଦେଶକ ଭାବେ ପରମେଶ ଶିବମଣି ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ନୌଚାଳନା ଏବଂ ନିର୍ଦ୍ଦେଶ ବିଶେଷଜ୍ଞ ଶିବମଣି ନୂଆଦିଲ୍ଲୀର ନ୍ୟାଶନାଲ୍ ଡିଫେନ୍ସ କଲେଜ ଏବଂ ୱେଲିଂଟନ୍‌ର ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜର ପୂର୍ବତନ ଛାତ୍ର । ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ୨୦୧୨ ମସିହାରେ ମହାନିର୍ଦ୍ଦେଶକ ତଟରକ୍ଷୀ ବାହିନୀ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିବା ବେଳେ ୨୦୧୪ ମସିହାରେ ତଟରକ୍ଷକ ପଦକ ଏବଂ ୨୦୧୯ରେ ରାଷ୍ଟ୍ରପତିଙ୍କ ତଟରକ୍ଷକ ପଦକ ପ୍ରଦାନ କରାଯାଇଥିଲା ।

## ନାସା-ୟୁରୋପା କ୍ଲିପର୍

ମହାକାଶ ଅଭିଯାନ ପାଇଁ ନାସା ଦ୍ୱାରା ନିର୍ମିତ ସର୍ବବୃହତ ମହାକାଶଯାନ ୟୁରୋପା କ୍ଲିପରକୁ ଉତ୍କ୍ଷେପଣ କରାଯାଇଛି। ଏହି ମହାକାଶଯାନର ଉଦ୍ଦେଶ୍ୟ ହେଉଛି ବୃହସ୍ପତିଙ୍କ ଚନ୍ଦ୍ର ୟୁରୋପାରେ ଜୀବସତ୍ତା ପାଇଁ ଉପଯୁକ୍ତ ପରିସ୍ଥିତି ଅଛି କି ନାହିଁ ତାହା ଯାଞ୍ଚ କରିବା ଏବଂ ବରଫର ମୋଟା

ଆସ୍ତରଣ ମଧ୍ୟରେ ରହିଥିବା ସମୁଦ୍ର ଉପରେ ଗବେଷଣା କରିବା । ଏହି ରୋବଟିକ୍ ଶୌରଚାଳିତ ମହାକାଶ ଯାନ ୫ ବର୍ଷ ୬ ମାସରେ ପ୍ରାୟ ୨ ଦଶମିକ୍ ୯ ବିଲିୟନ କିଲୋମିଟର ଯାତ୍ରା କରିବା ପରେ ୨୦୩୦ରେ ବୃହସ୍ପତି କକ୍ଷପଥରେ ପ୍ରବେଶ କରିବ ।

## ଭାରତ-କାନାଡ଼ା

ଭାରତରେ ଅବସ୍ଥାପିତ କାନାଡ଼ାର କାର୍ଯ୍ୟକାରୀ ଉଚ୍ଚାୟୁକ୍ତ ଷ୍ଟୁଆର୍ଟ ରସ୍ ହ୍ୱିଲରଙ୍କ ସମେତ ଅନ୍ୟ ୬ ଜଣ କୂଟନୀତିଜ୍ଞଙ୍କୁ ବହିଷ୍କାର କରାଯାଇଛି । ଡେପୁଟି ହାଇକମିଶନର ପ୍ୟାଟ୍ରିକ୍ ହେବର୍ଟ, ପ୍ରମୁଖ ସଚିବ ମେରି କ୍ୟାଥରିନ ଜୋଲି, ଲାନ ରସ୍ ଡେଭିଡ୍ ଟ୍ରିଟ୍ସ୍ୱ, ଆଡାମ ଜେମ୍ସ ହୁଇପ୍ଲା ଏବଂ ପୌଲା ଓର୍ଜୁଏଲାଙ୍କୁ ମଧ୍ୟ ବହିଷ୍କାର କରାଯାଇଛି । ଅକ୍ଟୋବର ୧୯ ସୁଦ୍ଧା କିମ୍ବା ଏହା ପୂର୍ବରୁ ସେମାନଙ୍କୁ ଭାରତ ଛାଡ଼ିବାକୁ କୁହାଯାଇଛି । କାନାଡ଼ାରେ ଅବସ୍ଥାପିତ ଉଚ୍ଚାୟୁକ୍ତ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଭାରତ ପ୍ରତ୍ୟାହାର କରିଛି । ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବର୍ତ୍ତମାନର କାନାଡା ସରକାରଙ୍କ ପ୍ରତିବଦ୍ଧତା ଉପରେ ବିଶ୍ୱାସ ହେଉନାହିଁ । ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ବୈଦେଶିକ ମନ୍ତ୍ରଣାଳୟରେ କାନାଡାରେ ଭାରତୀୟ ହାଇକମିଶନର ଏବଂ ଅନ୍ୟ କୂଟନୀତିଜ୍ଞ ଓ ଅଧିକାରୀଙ୍କୁ ଅଯଥାରେ ହଇରାଣ କରିବା ଗ୍ରହଣୀୟ ନୁହେଁ ବୋଲି କାନାଡ଼ାର କାର୍ଯ୍ୟକାରୀ ଉଚ୍ଚାୟୁକ୍ତଙ୍କୁ ଜଣାଇ ଦିଆଯାଇଥିଲା ।

## ସିଇସି-ଇଭିଏମ୍

ବିରୋଧୀଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଆଜି ପୁଣିଥରେ କହିଛନ୍ତି ଇଲେକ୍‌ଟ୍ରୋନିକ୍ ଭୋଟିଂ ମେସିନ୍ ବା ଇଭିଏମ୍ ଗୁଡ଼ିକ ଶତପ୍ରତିଶତ ନିର୍ଭୁଲ ଅଟେ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ କୁମାର କହିଛନ୍ତି ନିର୍ବାଚନ ସମୟରେ ମତଦାନରେ ଅଂଶ ଗ୍ରହଣ କରି ଲୋକମାନେ ଇଭିଏମ୍‌କୁ ନେଇ ବିଭିନ୍ନ ପ୍ରଶ୍ନ ଉଠାଇଛନ୍ତି, ଯାହା ସଂପୂର୍ଣ୍ଣ ନିରାଧାର ।

ସୂଚନାଯୋଗ୍ୟ କଂଗ୍ରେସ ସମେତ ବିରୋଧୀ ଦଳମାନେ ଇଭିଏମ୍ ଉପରେ ବିଭିନ୍ନ ପ୍ରଶ୍ନ ଉଠାଇଛନ୍ତି । ନିକଟରେ ହୋଇଥିବା ହରିଆଣା ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ଅନେକ କଂଗ୍ରେସ ନେତା ପୁନର୍ବାର ଇଭିଏମ୍‌କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ।

## ଆଇଏସି ପରିଚାଳନା

ଇଟାଲୀର ମିଲାନରେ ଅବସ୍ଥିତ ମିକୋ ସମ୍ମିଳନୀ କେନ୍ଦ୍ରରେ ୭୫ତମ ଅନ୍ତର୍ଜାତୀୟ ଆଷ୍ଟ୍ରୋନଟିକାଲ୍ କଂଗ୍ରେସ- IAC ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସାରା ବିଶ୍ୱରୁ ୧୦ ହଜାରରୁ ଅଧିକ ମହାକାଶ ବିଶେଷଜ୍ଞ, ବିଦ୍ୱାନ, ଉଦ୍‌ଯୋଗୀ ଏବଂ ପେସାଦାର ସମ୍ମିଳିତ ହୋଇଛନ୍ତି । ଇଟାଲୀର ରାଷ୍ଟ୍ରପତି ସାର୍‌ଜିଓ ମାଟେରେଲା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

ଚଳିତବର୍ଷର ସମ୍ମିଳନୀ "ସ୍ଥିରତା ପାଇଁ ଦାୟିତ୍ୱବାନ ସ୍ଥାନ" ବିଷୟବସ୍ତୁ, ବିଶ୍ୱସ୍ତରରେ ମହାକାଶ ଟେକ୍ନୋଲୋଜିର ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଛି, ଯାହା ଭବିଷ୍ୟତରେ ମହାକାଶ

ଅନୁସନ୍ଧାନ ଏବଂ ଉପଯୋଗ ବୈଜ୍ଞାନିକ ଅଗ୍ରଗତି, ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ସୁନିଶ୍ଚିତ କରିବ । ସପ୍ତାହ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ବୈଷୟିକ ଅଧିବେଶନ ବସିବ, ଯେଉଁଥିରେ ଚନ୍ଦ୍ର ଏବଂ ମଙ୍ଗଳର ସ୍ଥାୟୀ ଅନୁସନ୍ଧାନ, ଜଳବାୟୁ ପରିବର୍ତ୍ତନ ପାଇଁ ମହାକାଶ ଆଧାରିତ ପୃଥିବୀ ପର୍ଯ୍ୟବେକ୍ଷଣ, ମହାକାଶ ବିକାଶରେ ଘରୋଇ କମ୍ପାନୀ ଗୁଡ଼ିକର ଭୂମିକା ଏବଂ ପ୍ରୟୋଗ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବ୍ୟାପକ ଆଲୋଚନା ହେବ ।

## ଆଇପିୟୁ-ଆସେମ୍ବ୍ଲି

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଭାରତ ସର୍ବଦା ବହୁପକ୍ଷବାଦର ଏକ ଦୃଢ଼ ସମର୍ଥକ। ୧୪୯ତମ ଆନ୍ତଃ ସଂସଦୀୟ ସଂଘ ବୈଠକରେ ସଂସଦୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ଶ୍ରୀ ବିର୍ଲା କହିଛନ୍ତି, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଉଦ୍ଭାବନ କ୍ଷେତ୍ରରେ ସଂସଦ ଗୁଡ଼ିକ ମଧ୍ୟରେ ଆଲୋଚନା ଓ ସହଯୋଗ ଜରୁରୀ । ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉପଯୁକ୍ତ ନିୟାମକ ବ୍ୟବସ୍ଥା ଏବଂ ନାଗରିକଙ୍କ ତଥ୍ୟର ଗୋପନୀୟତାକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରି ଲୋକସଭା ବାଚସ୍ପତି କହିଛନ୍ତି ଯେ ଆଇପିୟୁ ଫୋରମ ଏବଂ ଜାତୀୟ ସଂସଦରେ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବା ଆବଶ୍ୟକ । ଜେନେଭାରେ ଆନ୍ତଃ ସଂସଦୀୟ ସଂଘ ବୈଠକରେ 'ଅଧିକ ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଉଦ୍ଭାବନର ଉପଯୋଗ' ଶୀର୍ଷକରେ ଉଦ୍‌ବୋଧନ ଦେଇ ଶ୍ରୀ ବିର୍ଲା ଏହା କହିଛନ୍ତି ।

## ଆଇଏସଏସ୍‌ଏଫ୍ ସୋନମ

ଭାରତୀୟ ବନ୍ଧୁକ ଚାଳକ ସୋନମ ଉତ୍ତମ ମାସ୍କର ଆଜି ନୂଆଦିଲ୍ଲୀରେ ଚାଲିଥିବା ISSF ବିଶ୍ୱକପ୍ ୨୦୨୪ ଫାଇନାଲ୍‌ରେ ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି । ୨୨ ବର୍ଷୀୟ ସୋନମ ୨୫୨ ଦଶମିକ ୯ ସ୍କୋର କରି ପୋଡିୟମ୍ ଫିନିସ୍ ହାସଲ କରିଥିଲେ । ଏହି ଇଭେଣ୍ଟରେ ଚୀନ୍‌ର ୟୁଟିଙ୍ଗ୍ ହୁଆଙ୍ଗ ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ଫ୍ରାନ୍ସର ଓସେନ୍ ମୁଲର ବ୍ରୋଞ୍ଜ ପଦକ ଜିତିଛନ୍ତି । ଫାଇନାଲ୍‌ରେ ସ୍ଥାନ ପାଇଥିବା ଅନ୍ୟତମ ଭାରତୀୟ ବନ୍ଧୁକ ଚାଳକ ତିଲୋତ୍ତମା ସେନ ୧୬୭ ଦଶମିକ ୭ ସ୍କୋର କରି ଷଷ୍ଠ ସ୍ଥାନରେ ରହିଛନ୍ତି ।

---